**ଦୋକାନ ସିଲ୍ ପାଇଁ ବ୍ୟବସାୟୀଙ୍କୁ ତାଗିଦ**

ମାଲକାନଗିରି,(ଡିଏନଏ): ମାଲକାନଗିରି ଜିଲାରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ କଡ଼ା ପଦକ୍ଷେପ ନେଉଛି। ଯେଉଁମାନେ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି। ବୁଧବାର ପୌର ପରିଷଦ ପକ୍ଷରୁ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ଓ ଦୋକାନ ଗୁଡିକ ଉପରେ ଚଢାଉ କରି ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। କୋଭିଡ କଟକଣାକୁ ପୁନର୍ବାର ଖିଲାପ କଲେ ଦୋକାନ ସିଲ କରିବା ପାଇଁ ମଧ ସେମାନଙ୍କୁ ତାଗିଦ କରାଯାଇଛି ।



# ପାଣି ନ ମିଳିବାରୁ ରାସ୍ତା ରୋକିଲେ ମହିଳା

**ଦଶମନ୍ତପୁର,୨୮।୪( ଡି.ଏନ୍.ଏ.)**


ମହିଳାମାନେ ଗରା,ହାଣ୍ଡି,ମାଠିଆ ରଖି ରାସ୍ତା ଅବରୋଧ କରିଛନ୍ତି।

- ୧.୫ ଲକ୍ଷ ବ୍ୟୟରେ ହୋଇଥିଲା ଜଳ ପ୍ରକଳ୍ପ
- ଅନେକ ଅଭିଯୋଗକରି ଶୁଣିନି ପ୍ରଶାସନ
- ୮ଦିନ ମଧ୍ୟରେ ସମସ୍ୟା ସମାଧାନ ହେବ: ବିଡିଓ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରର ୩ ସାହିବାସିନ୍ଦା କଂସାରିସାହି, ହରିଜନସାହି ଏବଂ ପାଇକସାହିର ମହିଳାମାନେ ପାନୀୟ ଜଳ ସମସ୍ୟା ନେଇ ବୁଧବାର ଥାନା ସମ୍ମୁଖରେ ଗରା, ମାଠିଆ ରଖି ଦୀର୍ଘ ୨ ଘଣ୍ଟା ଧରି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଖବରରୁ ଜଣାପଡିଛି ଦଶମନ୍ତପୁରବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଚଳିତ ବର୍ଷ ଏକ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ପ୍ରତ୍ୟେକ ସାହିକୁ ଜଳ ଯୋଗାଣ ଲାଗି ପାଇପ ସଂଯୋଗ କରିଥିଲେ ମଧ୍ୟ ବର୍ଷେ ହେଲାଣି ଠିକ୍ ରୂପେ ଏହି ସାହିବାସିନ୍ଦା ପାନୀୟ ଜଳ ପାଇପାରୁ ନାହାନ୍ତି। ଏନେଇ ସେମାନେ ପ୍ରଶାସନ ନିକଟରେ ଅନେକ ଥର ଲିଖିତ ଓ ମୌଖିକ ଅଭିଯୋଗ କରିବା ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ଆମେ ଆନ୍ଦୋଳନ କରିବାକୁ ବାଧ ହେଲୁ ବୋଲି ପ୍ରକାଶ କରିଛନ୍ତି। ସେମାନେ କୋଭିଡ୍ ନିୟମ ଅନୁସାରେ ସାମାଜିକ ଦୂରତା ରକ୍ଷାକରି ମୁହଁରେ ମାସ୍କ ପିନ୍ଧି ଆନ୍ଦୋଳନ କରିଥିଲେ। ଖବର ପାଇ ବିଡିଓ ଉମ୍ବରୁଧର ମଲ୍ଲିକ ଏବଂ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ୮ ଦିନ ମଧ୍ୟରେ ଉପରୋକ୍ତ ୩ ସାହିର ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇଦେବାକୁ କନିଷ୍ଠଯନ୍ତ୍ରୀ ନାୟକ ଲିଖିତ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ରାସ୍ତାରୋକୋରୁ ହଟିଥିଲେ।

## ଭୀମେଙ୍କ ନିକଟରେ ପହଞ୍ଚିଲା ପ୍ରଶାସନ

**ଧରିତ୍ରୀ ପ୍ରଭାବ**

**ଏମ୍‌ଭି୭୯,୨୯।୪(ଡି.ଏନ.ଏ.)**


ପ୍ରଶାସନ ପକ୍ଷରୁ ଆସିଥିବା ଜଣେ ମହିଳା ଭୀମେଙ୍କୁ ରନ୍ଧାଖାଦ୍ୟ ଖାଇବାକୁ ଦେଉଛନ୍ତି।

ମାଲକାନଗିରି ଜିଲା କାଲିମେଳା ବ୍ଲକ ଗିନିପାଲିଗୁଡ଼ା ଗ୍ରାମର ଭୀମେ କର୍ମାଙ୍କ ଦୁଇବର୍ଷ ତଳେ ସ୍ୱାମୀ ଜଗା କର୍ମାଙ୍କ ମୃତ୍ୟୁ ହୋଇଥିଲା। ଏହାପରଠାରୁ ଭୀମେ ତାଙ୍କ ୬ବର୍ଷର ପୁଅକୁ ଧରି ବିପଦସଙ୍କୁଳ ଅବସ୍ଥାରେ ଥିବା ଭଙ୍ଗାଘରେ ଦୁଃଖକଷ୍ଟରେ ଚଳୁଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ବୁଧବାର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତାଙ୍କ ନିକଟରେ ପହଞ୍ଚିଛି। କାଲିମେଳା ବିଡିଓ ଉମାଶଙ୍କର ଦଳେଇ ଏହା ଜାଣିବା ପରେ ସେ ଭୀମେଙ୍କ ନିକଟକୁ କିଛି ରନ୍ଧାଖାଦ୍ୟ ଏବଂ ୧ବସ୍ତା ଚାଉଳ ପଠାଇଛନ୍ତି । ତାଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ନାମ ପଞ୍ଜୀକରଣ କରିଛନ୍ତି। ଆଗାମୀ ଦିନରେ ଭୀମେଙ୍କୁ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଶାସନ ପକ୍ଷରୁ ଯୋଗାଇଦେବାକୁ ବିଡିଓ ଦଳେଇ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଭୀମେ ଦିନେ ରୋଷେଇ କରୁଥିବା ବେଳେ ସେତେବେଳେ ୨ ବର୍ଷର ହୋଇଥିବା ତାଙ୍କ ପୁଅ ହାତରେ ନିଆଁ ପଡ଼ି ପୋଡ଼ିଯାଇଥିଲା। ଭୀମେ ବହୁତ କଷ୍ଟରେ ପୁଅର ହାତ ଭଲ କରିଥିଲେ। ମାତ୍ର ପୁଅର ବାମହାତର ଆଙ୍ଗୁଠିଗୁଡିକ ପାପୁଲି ସହିତ ଏବେ ସୁଦ୍ଧା ଲାଗିରହିଛି। ଅର୍ଥ ଅଭାବରୁ ସେ ଆଉ ଏହାର ଅଧିକ ଚିକିତ୍ସା କରିପାରିନାହାନ୍ତି।

## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱରୁ ସାପ୍ତାହିକ ହାଟ ସ୍ଥାନାନ୍ତର

ବୋରିଗୁମ୍ମା,୨୮।୪(ଡି.ଏନ.ଏ.)-ସହରର ହାଟପଦାସ୍ଥିତ ରାସ୍ତାକଡ଼ରେ ବୁଧବାର ବସୁଥିବା ସାପ୍ତାହିକ ହାଟକୁ କୋଭିଡ୍‌ର ଭୟାବହତାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପୁରୁଣା ବୋରିଗୁମ୍ମାଠାରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନିର୍ମିତ ନୂତନ ସ୍ଥାନକୁ ସ୍ଥାନାନ୍ତର କରିଛି। ହାଟପଦାଠାରେ ବସୁଥିବା ହାଟରେ ପ୍ରବଳ ଜନଗହଳି ହେବା ସହ ଗାଡ଼ିମୋଟର ଚଳାଚଳରେ ଟ୍ରାଫିକ ସମସ୍ୟା ଉପୁଜୁଥିଲା। ଏହାକୁ ନେଇ ତହସିଲଦାର ସୁବାସ ଚନ୍ଦ୍ର ରାଇତା ଏବଂ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ରାସ୍ତାକଡ଼ ସାପ୍ତାହିକ ହାଟକୁ ଉଠାଇ ଦେଇଛନ୍ତି। ନୂତନ ସ୍ଥାନରେ ବସି ବ୍ୟବସାୟୀମାନେ ବ୍ୟବସାୟ କରିଛନ୍ତି। ସେହିପରି ରାଜପଥ ପାର୍ଶ୍ୱରେ ବସୁଥିବା ଆମ୍ବ ବ୍ୟବସାୟୀଙ୍କୁ ସେଠାରୁ ନୂତନ ବସ୍‌ଷ୍ଟାଣ୍ଡ ନିକଟକୁ ସ୍ଥାନାନ୍ତର କରାଯାଇଛି।

### କୋରାପୁଟ ଜିଲାରେ ୬୯ ଜଣ ପଜିଟିଭ

କୋରାପୁଟ,୨୮।୪(ସ୍ୱ.ପ୍ର.)- କୋରାପୁଟ ଜିଲାରେ ବୁଧବାର ୬୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। କୋରାପୁଟ ପୌରାଞ୍ଚଳରୁ ୧୦, ଜୟପୁର ପୌରାଞ୍ଚଳରୁ ୧୪, ସୁନାବେଡା ପୌରାଞ୍ଚଳରୁ ୭ ଓ କୋଟପାଡ ଏନଏସି ଅଞ୍ଚଳରୁ ୨ ଚିହ୍ନଟ ହୋଇଛନ୍ତି। ସେହିପରି ବନ୍ଧୁଗାଁ ବ୍ଲକ ଅଞ୍ଚଳରୁ ୬, ବୈପାରିଗୁଡା ବ୍ଲକରୁ ୨, ବୋରିଗୁମ୍ମା ବ୍ଲକରୁ ୩, ଜୟପୁର ବ୍ଲକରୁ ୫, କୋରାପୁଟ ବ୍ଲକରୁ ୧୦, କୋଟପାଡ ବ୍ଲକରୁ ୪, ଦଶମନ୍ତପୁର ବ୍ଲକରୁ ୨, କୁନ୍ଦୁରା ବ୍ଲକରୁ ଜଣେ, ପଟ୍ଟାଙ୍ଗି ବ୍ଲକରୁ ଜଣେ ଓ ସେମିଳିଗୁଡା ବ୍ଲକ ଅଞ୍ଚଳରୁ ୨ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଦାମନଯୋଡ଼ିରେ ମଧୁବାବୁଙ୍କ ଜୟନ୍ତୀ

ଦାମନଯୋଡି,୨୮।୪)- ଦାମନଯୋଡିସ୍ଥିତ ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ମାଥାଲପୁଟ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ନାଲକୋ ଡିଜିଏମ ରମେଶ ଚନ୍ଦ୍ର ଦାଶ,ସାମାଜିକ କର୍ମୀ ଡ. ଜଳେନ୍ଦ୍ର ତ୍ରିପାଠୀ,ବିଜୟ କୁମାର ଆଚାର୍ଯ୍ୟ,ଉତ୍କଳ ସମ୍ମିଳନୀ ସଭାପତି ଡ. ଅଶୋକ କୁମାର ମହାନ୍ତି ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ସ୍ୱାଭିମାନୀ ମଧୁବାବୁଙ୍କ ଓଡିଶା ଏବଂ ଓଡିଆ ଭାଷା ପ୍ରତି ତାଙ୍କର ରହିଥିବା ଅବଦାନକୁ ସ୍ମରଣ କରିଥିଲେ। ଦାମନଯୋଡି ମିଡିଆ ହାଉସ ସଭାପତି ନରସିଂହ ବ୍ରହ୍ମା,ସାଧାରଣ ସମ୍ପାଦକ ମାନସ ରଞ୍ଜନ କର,ୱେଲଫେୟାର କମିଟି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ସାହୁ, ଅଶୋକ କୁମାର ପାଢୀ ଉପସ୍ଥିତ ଥିଲେ। ଏହି ଅବସରରେ ମଙ୍ଗଳବାର ସ୍ୱର୍ଗାରୋହଣ କରିଥିବା ପ୍ରବୀଣ ସାହିତ୍ୟିକ ପଦ୍ମବିଭୂଷଣ ମନୋଜ ଦାସଙ୍କ ଉଦ୍ଦେଶ୍ୟରେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ନାଲକୋ ୱେଲଫେୟାର କମିଟି ପକ୍ଷରୁ ଶାବରୀ ଲେକ୍ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

### ହାଟ ପରିଚାଳନା ନେଇ ଉପ ଜିଲାପାଳଙ୍କୁ ଦାବିପତ୍ର

ଜୟପୁର,୨୮।୪(ନି.ପ୍ର.)- ଜୟପୁର ପଞ୍ଚାୟତ ସମିତି ଅଞ୍ଚଳରେ ଚାଲୁଥିବା ସାପ୍ତାହିକ ହାଟଗୁଡିକୁ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ କରିବାକୁ ଜୟପୁର ସରପଞ୍ଚ ସୁକାନ୍ତି ବାଗଦେରିଆ ଓ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଈଶ୍ୱର ବାଘ ଦାବି କରିଛନ୍ତି। ଏ ସମ୍ପର୍କରେ ଉଭୟେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଜୟନ୍ତଗିରୀ ହାଟ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ହେଉଛି। ନିୟନ୍ତ୍ରିତ ବଜାର କମିଟି ନାମକୁ ମାତ୍ର କିଛି ଟିକସ ଅଦାୟ କରି ହାଟର ସମସ୍ତ ରକ୍ଷଣା ବେକ୍ଷଣ ଦାୟିତ୍ୱ ସହ ଉନ୍ନତି କରୁଛନ୍ତି। କମିଟି କିଛି ଟଙ୍କା ମଧ ପଞ୍ଚାୟତକୁ ଦେଉଛନ୍ତି। ଜୟନ୍ତଗିରୀ ହାଟ ଉପରେ ସ୍ଥାନୀୟ ଲୋକଙ୍କ ଜୟପୁର ପଞ୍ଚାୟତ ସମିତି ଏବଂ ବୋରିଗୁମ୍ମା ପଞ୍ଚାୟତ ସମିତିର ଲୋକେ ନିର୍ଭର କରୁଛନ୍ତି। ମାତ୍ର କେତେକ ଖଳ ପ୍ରକୃତିର ଲୋକ ଚକ୍ରାନ୍ତ କରି ନିୟନ୍ତ୍ରିତ ବଜାର କମିଟିଠାରୁ ଏହି ଦାୟିତ୍ୱ ଛଡାଇ ନେବାକୁ ଉଦ୍ୟମ କରୁଛନ୍ତି। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଛୁ। ଆପଣଙ୍କୁ ମଧ ଅବଗତ କରାଉଛୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଟାଙ୍ଗୁଆ, ଆମ୍ବାଗୁଡା, କୁମୁଲିପୁଟ, ଫାମ୍ପୁଣି, ଡଙ୍ଗରଛିଞ୍ଚି,କେବିଡି, ବାଲିଆ, କଙ୍ଗାର ସରପଞ୍ଚମାନେ ଉପସ୍ଥିତ ଥିଲେ।

# ମାଓବାଦୀଙ୍କ ସପକ୍ଷରେ ପ୍ରଜାମେଳିରେ ସାମିଲ ହେଲେ ଆଦିବାସୀ

**ମାଲକାନଗିରି,୨୮।୪(ଡି.ଏନ୍.ଏ.)**


ମାଓବାଦୀଙ୍କ ସହ ସାମିଲହୋଇ ପ୍ରଜାମେଳି କରିଥିବା ଆଦିବାସୀ ମହିଳାପୁରୁଷ।

ମାଲକାନଗିରି ଜିଲା ସୀମାନ୍ତ ବିଜାପୁରର କୋଣ୍ଡାପାଲି ଗ୍ରାମରେ ମାଓବାଦୀଙ୍କ ସପକ୍ଷରେ ଏକତ୍ରିତ ହୋଇ ମଙ୍ଗଳବାର ପ୍ରଜାମେଳି କରିଛନ୍ତି ଶତାଧିକ ଆଦିବାସୀ ମହିଳାପୁରୁଷ। ପ୍ରଶାସନ ପକ୍ଷରୁ ମାଓବାଦୀଙ୍କୁ ଠାବ ଲାଗି ଡ୍ରୋନ୍ କ୍ୟାମେରା ସହାୟତାରେ ହୋଇଥିବା ଏୟାର ଷ୍ଟ୍ରାଇକ ଏବଂ ଅପରେଶନ ପ୍ରହାରକୁ ବିରୋଧକରି ଏହି ପ୍ରଜାମେଳି ହୋଇଛି। ବିଜାପୁର ଜିଲା ପାଲଗୁଡାମ ଅଞ୍ଚଳରେ ଏୟାର ଷ୍ଟ୍ରାଇକ କରାଯାଇ ସେମାନଙ୍କୁ ଆକ୍ରମଣ କରାଯାଇଥିବା ନେଇ ପୂର୍ବରୁ ମାଓବାଦୀମାନେ ଏକ ପ୍ରେସ୍ ବିବୃତି ଦେଇଥିଲେ। ତେବେ ଏହାକୁ ଛତିଶଗଡ଼ ପୋଲିସ ଖଣ୍ଡନ କରିଥିଲା। ଅନ୍ୟପକ୍ଷରେ ଏହିଘଟଣା ସତ୍ୟ ବୋଲି ଛତିଶଗଡ଼ର ବିଭିନ୍ନ ମାଓବାଦୀ ସଙ୍ଗଠନ ଦାବିକରି ଏହି ଏୟାର ଷ୍ଟ୍ରାଇକ ଦ୍ୱାରା ଅନେକ ଗ୍ରାମବାସୀଙ୍କ ବହୁ ଘର ଓ ଜିନିଷପତ୍ର କ୍ଷତିଗ୍ରସ୍ତ ହୋଇଥିବା କହିଛନ୍ତି। ଏହାର ପ୍ରତିବାଦରେ ସେମାନେ କୋଣ୍ଡାପାଲିରେ ଏକତ୍ରିତ ହୋଇ ପୋଲିସ ବିରୋଧରେ ଗର୍ଜିଛନ୍ତି। ସେମାନଙ୍କ ସହ ୫ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାପୁରୁଷ ସାମିଲ ହୋଇ ପ୍ରଜାମେଳି କରି ସେମାନଙ୍କୁ ସମର୍ଥନ କରିଥିଲେ। ଯଦି ଏହାକୁ ବନ୍ଦ ନ କରାଯାଏ ତେବେ ଏହି ଆନ୍ଦୋଳନ ଆଗାମୀ ଦିନରେ ଉଗ୍ରରୂପ ନେବ ବୋଲି ମାଓବାଦୀମାନେ ଧମକ ଦେଇଛନ୍ତି।

## ୨୪ ଘଣ୍ଟାରେ ମୋଟୁ ଦେଇ ଆସିଛନ୍ତି ୧୪୭୩

**ମାଲକାନଗିରି,୨୮।୪(ଡି.ଏନ୍.ଏ.)**

କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରି ସ୍ଥଳେ ଜିଲା ପ୍ରଶାସନ ମାଲକାନଗିରି ଜିଲା ସୀମାନ୍ତ ମୋଟୁଠାରେ ପ୍ରବାସୀ ଶ୍ରମିକଙ୍କ ଯାଞ୍ଚକୁ କଡ଼ାକଡ଼ି କରିଛି। ମଙ୍ଗଳବାର ସକାଳ ୬ଟା ସୁଦ୍ଧା ୨୪ ଘଣ୍ଟାରେ ୬୩୨୩ ଜଣ ପ୍ରବାସୀ ମୋଟୁ ଦେଇ ଜିଲାରେ ପ୍ରବେଶ କରିଥିବା ବେଳେ ବୁଧବାର ସକାଳ ୬ଟା ମଧ୍ୟରେ ୧୪୭୩ ଜଣ ପ୍ରବେଶ କରିଛନ୍ତି। ବର୍ତ୍ତମାନ ମୋଟୁ ସହ ପଡ଼ିଆ, ଚାଲାଣଗୁଡ଼ା , ଗୋବିନ୍ଦପାଲି ଏବଂ ସିଲେରୁଠାରେ ଚେକ୍ ପୋଷ୍ଟ କାର୍ଯ୍ୟକ୍ଷମ କରାଯାଇଛି । ତେବେ ଏହି ୩ଟି ସୀମାନ୍ତରେ କେତେ ପ୍ରବାସୀ ପ୍ରବେଶ କରିଛନ୍ତି ତାହା ଠିକ୍ ଭାବେ ଜଣାପଡିନାହିଁ । ଜିଲାରେ ଏବେ ୧୬୬ ଆକ୍ଟିଭ୍ ମାମଲା ରହିଛି। ସେଥିରୁ ମାଲକାନଗିରି ପୌରାଞ୍ଚଳରେ ୩୫ , ବାଲିମେଳା ଏନ୍ଏସିରେ ୮, ମାଲକାନଗିରି ବ୍ଲକରେ ୧୬, ମାଥିଲି ବ୍ଲକରେ ୨୧ , ଖଇରପୁଟ ବ୍ଲକରେ ୨୦, ଚିତ୍ରକୋଣ୍ଡା ବ୍ଲକରେ ୮, କୋରୁକୋଣ୍ଡା ବ୍ଲକରେ ୯ , କାଳିମେଳା ବ୍ଲକରେ ୩୯, ପଡ଼ିଆ ବ୍ଲକରେ ୧୦ ଆକ୍ଟିଭ୍ ମାମଲା ଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ସୂଚନାଯୋଗ୍ୟ ବୁଧବାର ଜିଲାରେ ୨୪ ପଜିଟିଭ ଚିହ୍ନଟ ହୋଇଛନ୍ତି।

# ବ୍ୟାଙ୍କ ଋଣ ଶୁଝି ନ ପାରି ଆତ୍ମହତ୍ୟା କଲେ ଉଦ୍ୟୋଗୀ

**କୋରୁକୋଣ୍ଡା ୨୮।୪(ଡି.ଏନ.ଏ.)**

କୋରାପୁଟ ଜିଲାରେ ସ୍ୱାମୀ କରିଥିବା ଋଣ ଶୁଝି ନ ପାରି ଜଣେ ମହିଳା ମଙ୍ଗଳବାର ରାତିରେ ଆତ୍ମହତ୍ୟା କରିଥିବା ବେଳେ ଅନୁରୂପ ଏକ ଘଟଣା ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଜିତାପାରି-୩ ପଞ୍ଚାୟତରେ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଆଣିଥିବା ବ୍ୟାଙ୍କ ଋଣ ଶୁଝି ନ ପାରି ଆତ୍ମହତ୍ୟା କରିଛନ୍ତି। ସେହେଲେ ଉପରୋକ୍ତ ପଞ୍ଚାୟତ ଏମଭି-୧୦୯ ଗ୍ରାମର କାର୍ତ୍ତିକ ବୈରାଗୀ (୪୮) । ଖବରରୁ ଜଣାପଡିଛି କାର୍ତ୍ତିକ ପରିବା ବ୍ୟବସାୟ କରି ପରିବାର ଚଳାଉଥିଲେ। ବିଶୁଦ୍ଧ ପାନୀୟ ଜଳ ଉଦ୍ୟୋଗ କରିବାକୁ ଏମଭି-୩୭ ଗ୍ରାମରେ ଥିବା ଏକ ଘରୋଇ ବ୍ୟାଙ୍କରୁ ଜାନୁଆରୀ ୨୦୨୧ରେ ୪ଲକ୍ଷ ୮୦ହଜାର ଟଙ୍କା ଋଣ ନେଇଥିଲେ। ଏହାର ମାସିକ କିସ୍ତି ୨୦ହଜାର ଟଙ୍କା ଥିଲା। ତେବେ କୌଣସି କାରଣରୁ ଠିକ ସମୟରେ କାର୍ତ୍ତିକ ବ୍ୟାଙ୍କ କିସ୍ତି ଶୁଝି ପାରି ନ ଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଦୁଇ ଦିନ ତଳେ କାର୍ତ୍ତିକଙ୍କ ଘରକୁ କିସ୍ତି ଟଙ୍କା ଆଦାୟ କରିବାକୁ ଯାଇଥିଲେ । ଠିକ ସମୟରେ ଟଙ୍କା ପରିଶୋଧ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଙ୍କୁ ଚେତାବନୀ ଦେଇଥିଲେ । ଏଥିରେ ମାନସିକ ରୂପେ ଭାଙ୍ଗିଯାଇଥିବା କାର୍ତ୍ତିକ ବୁଧବାର ଭୋର ସମୟରେ ଘର ପାର୍ଶ୍ୱରେ ଥିବା ନିଜ ଗୋଦାମ ଘରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରି ଦେଇଥିଲେ।

ସ୍ତ୍ରୀ ଅଞ୍ଜନାଙ୍କଠାରୁ ଖବର ପାଇ ଓରକେଲ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ୧୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଜିଲାରେ ଭ୍ରାମ୍ୟମାଣ କୋଭିଡ୍ ଟେଷ୍ଟିଂ ସେଣ୍ଟର

**ମାଲକାନଗିରି, ୨୮।୪(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ କରୋନାକୁ ଆୟତରେ ରଖିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଜିଲା ସଦର ମହକୁମାରେ ଭ୍ରାମ୍ୟମାଣ କୋଭିଡ ଟେଷ୍ଟ କାର୍ଯ୍ୟକ୍ରମ ପ୍ରଶାସନ ହାତକୁ ନେଇଛି। ମଙ୍ଗଳବାର ବସଷ୍ଟାଣ୍ଡଠାରେ ଏହି ଭ୍ରାମ୍ୟମାଣ କେନ୍ଦ୍ର ଦ୍ୱାରା କୋଭିଡ ଟେଷ୍ଟ କରାଯାଇଥିବା ବେଳେ ବୁଧବାର ଜିଲା ସଦର ମହକୁମା ଡି.ଏନ.କେ ଟ୍ରାଫିକ ଛକ ନିକଟରେ କରୋନା ଟେଷ୍ଟ କାର୍ଯ୍ୟକ୍ରମ କରାଯାଇଛି। ଅପରାହ୍ନ ସୁଦ୍ଧା ୩୯ ଜଣଙ୍କ କୋଭିଡ୍ ଟେଷ୍ଟ ହୋଇଛି। ଭ୍ରାମ୍ୟମାଣ କୋଭିଡ ଟେଷ୍ଟ କେନ୍ଦ୍ରଠାରେ ସ୍ଥାନୀୟ ଲୋକେ ମଧ ସ୍ୱଇଚ୍ଛାରେ ନିଜର କୋଭିଡ ଟେଷ୍ଟ କରାଉଛନ୍ତି। ପୂର୍ବରୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ କୋଭିଡ ଟେଷ୍ଟ କରାଯାଉଥିବା ବେଳେ ଏହି ଭ୍ରାମ୍ୟମାଣ କୋଭିଡ ଟେଷ୍ଟ କାର୍ଯ୍ୟକ୍ରମ ଦ୍ୱାରା ଅଧିକରୁ ଅଧିକ ଲୋକଙ୍କ ଟେଷ୍ଟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।


ମାଲକାନଗିରିରେ ଜଣେ ବ୍ୟକ୍ତି ନିଜ କୋଭିଡ ଟେଷ୍ଟ କରୁଛନ୍ତି ।

## ମଧୁସୂଦନଙ୍କ ଜୀବନୀ ଅର୍ଦ୍ଧ ଶତାବ୍ଦୀର ଇତିହାସ

**ମାଲକାନଗିରି,୨୮।୪(ଡିଏନଏ):**

ମାଲକାନଗିରି ଉତ୍କଳ ସମ୍ମିଳନୀ ଜିଲା ଶାଖା ପକ୍ଷରୁ ବୁଟିଗୁଡା ସରକାରୀ ଛାତ୍ରାବାସରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି । ଏଥିରେ ଉତ୍କଳ ସମ୍ମିଳନୀର ଜିଲା ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଉପ ସଭାପତି ଡ.ରଞ୍ଜନ କୁମାର ସ୍ୱାଇଁ, ସହ ସମ୍ପାଦକ ପ୍ରମୋଦ କୁମାର ସେନାପତି ଅତିଥି ରୂପେ ଉପସ୍ଥିତ ଥିଲେ। ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ପରଲୋକ ହୋଇଥିବାରୁ ତାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମଧୁସୂଦନଙ୍କ ଜୀବନୀ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଉମାକାନ୍ତ ମୁଦୁଲି, ଅଲେଖ କୁମାର ପାତ୍ର, ଚିତରଞ୍ଜନ ସରକାର, ମମତା ମହଲ, ସସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲ ତଳକୁ ଖସିଲା ବୋଲେରୋ, ଜଣେ ଗୁରୁତର

**ଦଶମନ୍ତପୁର, ୨୮।୪(ଡି.ଏନ.ଏ.)**

ଦଶମନ୍ତପୁର ଥାନା ଅଧୀନ ଖଜୁରିଗୁଡା ଗ୍ରାମ ନିକଟସ୍ଥ ଏକ ନଦୀ ପୋଲ ତଳକୁ ମଙ୍ଗଳବାର ମଧ୍ୟରାତ୍ରରେ ଏକ ବୋଲେରୋ (ଓଡି୧୦ ଇ-୦୮୨୨) ଖସିପଡିଛି। ଏହି ବୋଲେରୋରେ ବନ ବିଭାଗ କର୍ମଚାରୀମାନେ ଥିଲେ। ସେମାନେ ପିଣ୍ଡାପଦର ପଞ୍ଚାୟତର କଡକିପଦର ଗ୍ରାମ ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଇବାକୁ ଯାଇ ଫେରୁଥିଲେ। ଖଜୁରିଗୁଡା ଗ୍ରାମ ନିକଟସ୍ଥ ନଦୀ ପୋଲ ଉପରେ ଭାରସାମ୍ୟ ହରାଇବାରୁ ବୋଲେରୋଟି ପୋଲ ତଳକୁ ଖସିପଡିଥିଲା। ଏଥିରେ ଥିବା ୬ ଜଣ କର୍ମଚାରୀ ମଧ୍ୟରୁ ଗାର୍ଡ ତାରାଚାନ୍ଦ ତ୍ରିପାଠୀଙ୍କ ହାତ ଭାଙ୍ଗିଯାଇଛି। ତାଙ୍କୁ ଅନ୍ୟ କର୍ମଚାରୀମାନେ ସାଙ୍ଗେ ସାଙ୍ଗେ ୧୦୮ ଆମ୍ବୁଲାନ୍ସ ଡକାଇ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ବୁଧବାର ପୋଲିସ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରି ତଦନ୍ତ କରୁଛି।

# ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା ନେଇ ମଧୁବାବୁଙ୍କ ଅବଦାନ ଅତୁଳନୀୟ

**କୋରାପୁଟ/ଜୟପୁର/ ବୈପାରିଗୁଡା, ୨୮।୪ (ସ୍ୱ.ପ୍ର./ନି.ପ୍ର.)**

କୋଭିଡ୍ କଟକଣା ମଧ୍ୟରେ ବୁଧବାର କୋରାପୁଟରେ ଜିଲାସ୍ତରୀୟ ମଧୁସୂଦନ ଦାସଙ୍କ ୧୭୩ ତମ ଜୟନ୍ତୀ ଜିଲା ସ୍ମାରକୀ କମିଟି ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଛି। ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସ୍ମାରକୀ କମିଟି ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା ନେଇ ତାଙ୍କ ଅବଦାନ ଥିଲା ଅତୁଳନୀୟ ବୋଲି ସଦସ୍ୟମାନେ ମତ ରଖିଥିଲେ। ରମାପ୍ରସାଦ ଶର୍ମା, ଅରୁଣ ଦାସ, ସାମାଜିକ କର୍ମୀ ଲଳିତ ମୋହନ ପଟ୍ଟନାୟକ, ଖବରଦାତା ରଞ୍ଜନ ଦାସ, ଅମିତାଭ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଅଲିଭା କୁମାର ବେହେରା, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜୟପୁରରେ କୋରାପୁଟ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଜୟପୁରଠାରେ ପାଳିତ ହୋଇଛି । ରଜାନହର ଛକଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣକରି ଓଡ଼ିଶା ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସମ୍ମିଳନୀ ସଭାପତି ମଦନ ମୋହନ ନାୟକ, ସମ୍ପାଦକ ନବୀନ ମାଦଳା, କୃଷ୍ଣଚନ୍ଦ୍ର ନେପାକ, ଦୁର୍ଗାମାଧବ ଶତପଥୀ, ରାଜେନ୍ଦ୍ର ଗୌଡ, ଯଜ୍ଞେଶ୍ୱର ପଣ୍ଡା, ସାହେବ ମହାରଣା, ଦେବେନ୍ଦ୍ର ବାହିନୀପତି, ଜାନକୀ ପାଣିଗ୍ରାହୀ, ଗୁପ୍ତେଶ୍ୱର ଦଣ୍ଡସେନା, ଭବାନୀ ଆଚାର୍ଯ୍ୟ, ପ୍ରମୋଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। କବିରାଜ ପରମେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଜୟପୁରସ୍ଥିତ ଜିଲା ଓକିଲ ସଂଘ ପକ୍ଷରୁ ମଧ ଓକିଲ ସଂଘ କାର୍ଯ୍ୟାଳୟରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଛି । କୋଭିଡ୍ ନିୟମ ଅନୁଯାୟୀ ସମସ୍ତ ଓକିଲ ଏକତ୍ରିତ ହୋଇ ବନ୍ଦେ ଉତ୍କଳ ଜନନୀ ପାଠ କରିଥିଲେ। ଓକିଲ ସଂଘ ସଭାପତି ସରୋଜ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶରତ ମାଝି, ଆନନ୍ଦ ରଥ, ଗୋପବନ୍ଧୁ ସାନ୍ତ୍ରା, ଗିରିଧର ଖରା, ହରିଶ ମୁଦୁଲି, ଦାଶରଥୀ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ବୈପାରିଗୁଡାରେ ଡାକବଙ୍ଗଳାଠାରେ ଓକିଲ ସଂଘ ପକ୍ଷରୁ ଓଡିଶାର ପ୍ରଥମ ବାରିଷ୍ଟର ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସଂଘ ସଭାପତି ଗୌରଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରମାକାନ୍ତ ରାଉଳ, ସମ୍ମାନିତ ଅତିଥି ରୂପେ ଆଇନଜୀବୀ ରମେଶ ପାତ୍ର, ମୁନା ମହାପାତ୍ର , ବିଶ୍ୱଜିତ ନାୟକ ,ଦିଲୀପ ମହାନ୍ତି, ପ୍ରଦୀପ ସ୍ୱାଇଁ ,ଭୁବନେଶ୍ୱର ପଣ୍ଡା, ଚିତ୍ତରଞ୍ଜନ ପାଳ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଓକିଲାତି ଜୀବନୀ ଉପରେ ଆଲୋକପାତ କରିଥିଲେ।



କୋରାପୁଟ ଓ ଜୟପୁରରେ ମଧୁ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା

**କାର୍ଯ୍ୟାଳୟରେ ଯୋଗାଣକାରୀ/ମୁଦ୍ରକମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଟେଣ୍ଡର ବିଜ୍ଞପ୍ତି**
**(ପ୍ୟାନେଲ ବର୍ଷ ଜୁଲାଇ ୨୦୨୧- ମାର୍ଚ୍ଚ ୨୦୨୪)**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ସ୍ୱୀକୃତି ପ୍ରାପ୍ତ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଇଚ୍ଛୁକ ଲିଖନ ସାମଗ୍ରୀ, କମ୍ପ୍ୟୁଟର ସାମଗ୍ରୀ ଏବଂ ସଫେଇ ସାମଗ୍ରୀଗୁଡ଼ିକର ଯୋଗାଣକାରୀ/ମୁଦ୍ରକମାନଙ୍କ ଠାରୁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରୁଅଛି। ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ଏବଂ ଆବେଦନ ପତ୍ର ପାଇଁ ଦୟାକରି ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in)ରେ ଥିବା "Tender" ବିଭାଗ ଦେଖନ୍ତୁ (https://www.rbi.org.in/Scripts/BS_ViewTenders.aspx)
ନିର୍ଦ୍ଦିଷ୍ଟ ଆବେଦନ ପତ୍ର ଏବଂ ବିସ୍ତୃତ ବିବରଣୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସି.ଆର୍.ଡ଼ି.ଏସ୍., ଏଚ୍.ଆର୍.ଏମ୍.ଡି., ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୦୧ରୁ ମଧ ସଂଗ୍ରହ କରାଯାଇ ପାରିବ। ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୨୦ ମଇ, ୨୦୨୧ ।
ଅଧିକାରପ୍ରାପ୍ତ ହସ୍ତାକ୍ଷରକର୍ତ୍ତା

**OFFICE OF THE EXECUTIVE ENGINEER,**
**R.W.S.&S. DIVISION, NUAPADA**
**E-mail: eerwssnpd@rediffmail.com**
**1st Corrigendum to Bid Identification No. RWS&S_02/2021-22**
No.O-109:- Remaining unaltered of all terms and conditions, the following changes are hereby made to Bid Identification No. RWS&S_02/2021-22 of the Executive Engineer, RWS&S Division, Nuapada by virtue of this corrigendum as mentioned below:

| As per Original NIT | As per Corrigendum |
|---|---|
| Date and Time of availability of bid document in the portal: 26.04.2021 at 10.00 A.M. | Date and Time of availability of bid document in the portal: 04.05.2021 at 10.00 A.M. |
| Last date /Time for receipt of bids in the portal : 05.05.2021 up to 5.00 P.M. | Last date /Time for receipt of bids in the portal : 11.05.2021 up to 5.00 P.M. |
| Date of Opening of bid: 07.05.2021 at 11.00 A.M. | Date of Opening of bid : 13.05.2021 at 11.00 A.M. |

Sd./- 27.04.21 (Er. G. C. Nayak)
Executive Engineer, RWSS Division, Nuapada
OIPR-25043/11/0005/2122

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
No. CAD-195
ପ୍ରତ୍ର ସଂଖ୍ୟା : ୨୨୦ **ବିଜ୍ଞାପନ** ତା. : ୧୬।୪।୨୧
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଡୁମୁଡୁମା, ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ-ଏଲ୍-୧୬୭୦ (L-1670) ଟି କୁ ଶ୍ରୀ ଅନୀଲ୍ କୁମାର ଦାଶ, ପି-୪ ଦୁଃଖିଶ୍ୟାମ ଦାଶ, ସା/ପୋ- ଘାଟିକିଆ, ଥା- ଖଣ୍ଡଗିରି, ଜି-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ୍ କୁମାର ଦାଶ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମୋନାଲିସା ପଣ୍ଡା, ସ୍ୱା-ଶ୍ରୀ ଅରବିନ୍ଦ ପଣ୍ଡା, ସା/ପୋ- ମଧ ଶାସନ, ଥା- ବିରିଡ଼ି, ଜି- ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0030/2122

**ସଂକ୍ଷେପରେ**

## ଧୋଡ୍ରା ପଞ୍ଚାୟତ୧୦ ଦିନ ଶଟ୍‌ଡାଉନ

ଉମରକୋଟ,୨୮।୪(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଧୋଡ୍ରା ପଞ୍ଚାୟତ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧିପାଉଛି। ବୁଧବାର ଝରିଗାଁ ବ୍ଲକ୍‌ରୁ ୭୮ ପଜିଟିଭ ଚିହ୍ନଟ ହୋଇଥିବାବେଳେ ଏଥିରେ ଧୋଡ୍ରା ପଞ୍ଚାୟତରୁ ୫ ଜଣ ରହିଛନ୍ତି। ଏହାକୁ ଗୁରୁତର ସହ ନେଇ ସଂକ୍ରମଣକୁ ରୋକିବା ନିମନ୍ତେ ସରପଞ୍ଚ ବେଲ ମାଝି ପଞ୍ଚାୟତକୁ ୧୦ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ଜରୁରୀ ସେବା ବ୍ୟତୀତ ଅନ୍ୟ ସମସ୍ତ ଦୋକାନ, ବଜାର ବନ୍ଦ ରହିବ। ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲୋକଙ୍କୁ ଅବଗତ କରାଯାଇଛି।

## ଗଣେଶ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ

ଗୁଣପୁର,୨୮।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ସହର ମରାଠିଗୁଡ଼ାସ୍ଥିତ ସିଦ୍ଧି ବିନାୟକ ମନ୍ଦିରର ୧୧ ତମ ପ୍ରତିଷ୍ଠା ଉତ୍ସବ ବୁଧବାର ପାଳିତ ହୋଇଯାଇଛି। କୋଭିଡ କଟକଣା ମଧ୍ୟରେ ସମସ୍ତ ରୀତିନୀତି ସମ୍ପାଦିତ ହୋଇଛି। ଗଣେଶଙ୍କ ଚଳନ୍ତି ପ୍ରତିମାଙ୍କୁ ମନ୍ଦିର ପ୍ରାଙ୍ଗଣରେ ରଖାଯାଇ ପୂଜା କାର୍ଯ୍ୟ କରାଯାଇଥିଲା। କର୍ତ୍ତାଭାବେ ଶିବରାମ ରଥ ଓ ଅନିଲ ରଥ କାର୍ଯ୍ୟ ସମ୍ପାଦନା କରିଥିବାବେଳେ ପୂଜକ ଭାବେ ପ୍ରକାଶ ରଥ, ସୂର୍ଯ୍ୟ ନାରାୟଣ ରଥ ଏବଂ ଗୁପ୍ତେଶ୍ୱର ଆଚାର୍ଯ୍ୟ ପୂଜା କାର୍ଯ୍ୟ କରିଥିଲେ।

## ତୁମ୍ଭର୍ଲା ଗ୍ରାମ ସପ୍ତାହେ ଶଟ୍‌ଡାଉନ

ପାପଡ଼ାହାଣ୍ଡି,୨୮।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ୍‌ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମଇଦଲପୁର ପରେ ପାପଡ଼ାହାଣ୍ଡିରେ ମଧ ସରପଞ୍ଚମାନେ ଶଟ୍‌ଡାଉନ ଘୋଷଣା କରିଛନ୍ତି। ବୁଧବାର ପାପଡ଼ାହାଣ୍ଡି ବ୍ଲକ୍‌ର ତୁମ୍ଭର୍ଲା ସରପଞ୍ଚ ତୁଳସା ସୌରା ତୁମ୍ଭର୍ଲା ଗ୍ରାମକୁ ୭ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସଂକ୍ରମଣକୁ ଏଡ଼ାଇବା ନିମନ୍ତେ ଏପ୍ରିଲ୍ ୨୯ ରୁ ମେ ୫ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ଗ୍ରାମବାସୀଙ୍କ ଅବଗତ କରାଯିବା ସହ ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କ କରାଯାଇଛି।

## ନବରଙ୍ଗପୁର ଜିଲାରୁ ୩୮୮ ପଜିଟିଭ୍

ନବରଙ୍ଗପୁର,୨୮।୪(ବି.ପ୍ର.)- ନବରଙ୍ଗପୁର ଜିଲାରେ କରୋନା ସଂକ୍ରମଣ ଦୈନିକ ନୂତନ ରେକର୍ଡ କରୁଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରୁ ସର୍ବାଧିକ ୩୮୮ ସଂକ୍ରମିତ ଚିହ୍ନଟ ହୋଇଥିବା ବୁଧବାର ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୪୦୩ରେ ପହଞ୍ଚିଛି। ସେଥିମଧ୍ୟରୁ ୨୩୦୫ ଜଣ ଗୃହ ସଙ୍ଗରୋଧରେ ଅଛନ୍ତି। କରୋନା ମୁକାବିଲା ନିମନ୍ତେ ପ୍ରଶାସନ ସତର୍କ ରହିଛି। ପ୍ରଚଣ୍ଡ ଖରା ସତ୍ତ୍ୱେ ପୋଲିସ କର୍ମଚାରୀ ରାସ୍ତା ଉପରେ ଜଗି ବସୁଛନ୍ତି। ତଥାପି ଦୈନିକ ସଂକ୍ରମିତଙ୍କ ସଂଖ୍ୟା ଖସୁନାହିଁ। ନୂତନ ୩୮୮ ସଂକ୍ରମିତଙ୍କ ମଧ୍ୟରେ ରାଇଘର ବ୍ଲକ୍‌ରୁ ସର୍ବାଧିକ ୮୮, ଚନ୍ଦାହାଣ୍ଡିରୁ ୮୭, ଝରିଗାଁ ବ୍ଲକ୍‌ରୁ ୭୮, ଉମରକୋଟ ପୌରାଞ୍ଚଳରୁ ୨୬, ଉମରକୋଟ ବ୍ଲକରୁ ୨୮, ନବରଙ୍ଗପୁର ପୌରାଞ୍ଚଳରୁ ୮, ନବରଙ୍ଗପୁର ବ୍ଲକ୍‌ରୁ ୨, ଡାବୁଗାଁ ବ୍ଲକ୍‌ରୁ ୬, ପାପଡ଼ାହାଣ୍ଡିରୁ ୪୩, କୋଷାଗୁମୁଡ଼ାରୁ ୧୨, ନନ୍ଦାହାଣ୍ଡିରୁ ୧ ଏବଂ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରୁ ୯ ଜଣ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ପୂର୍ବଭଳି ସଂକ୍ରମଣ ଅଞ୍ଚଳ ଓ ଘରଗୁଡ଼ିକରେ ସାନିଟାଇଜ୍ ହୋଇପାରୁନାହିଁ କି କଣ୍ଟାକ୍ଟ ଟ୍ରେସିଂ ମଧ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# ମଧୁବାବୁଙ୍କ ଜୟନ୍ତୀ, ଆଇନଜୀବୀ ଦିବସ ପାଳିତ

ନବରଙ୍ଗପୁର/ଉମରକୋଟ, ୨୮।୪(ବି.ପ୍ର./(ସ୍ୱ.ପ୍ର.)


ମଧୁବାବୁଙ୍କ ଜୟନ୍ତୀ ଉପଲକ୍ଷେ ନବରଙ୍ଗପୁର କୋର୍ଟ ପରିସରରେ ଆଇନଜୀବୀମାନେ ।

ସ୍ୱତନ୍ତ୍ରଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୩ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଜିଲା ଆଇନଜୀବୀ ସଂଘ ପକ୍ଷରୁ ପ୍ରଥମେ ଜଗନ୍ନାଥ ମନ୍ଦିର ନିକଟ ଛକସ୍ଥିତ ମଧବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୁରୁଣା ଜିଲା ଦୌରା ଜଜ୍ କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଆଇନଜୀବୀମାନେ ମାଲ୍ୟାର୍ପଣ କରିଥିଲେ। ସେହିପରି ନୂତନ ଜିଲା କୋର୍ଟ ପରିସରରେ ନବରଙ୍ଗପୁର ବାର୍ ଆସୋସିଏଶନର କର୍ମକର୍ତ୍ତା ଓ ଆଇନଜୀବୀମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଆଇନଜୀବୀ ସଂଘର ସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ରାମ ପ୍ରସାଦ ପାତ୍ର, ଉପ ସଭାପତି ପ୍ରତାପ କୁମାର ପଣ୍ଡା, ସହ ସମ୍ପାଦକ ସନ୍ତୋଷ ନାୟକ , କୋଷାଧ୍ୟକ୍ଷ ବିଧୂ ଶେଖର ତ୍ରିପାଠୀ , କାର୍ଯକାରୀ ସଦସ୍ୟ ପ୍ରଶାନ୍ତ ପଟ୍ଟନାୟକ , ଏ. ସତିଶ୍, ତପନ ପାଣିଗ୍ରାହୀଙ୍କ ସମେତ ବରିଷ୍ଠ ଆଇନଜୀବୀ ସି.ଏଚ୍ ବାବା ୟୁଗେନ୍ଦ୍ର, ସଚ୍ଚିଦାନନ୍ଦ ସ୍ୱାଇଁ, ପ୍ରସନ୍ନ ପଟ୍ଟନାୟକ, କିଶୋର ପଟ୍ଟନାୟକ ସନ୍ତୋଷ ମିଶ୍ର, ଦେବୀ ପ୍ରସାଦ ସିଂ, ତପନ ସିଂ, ସତିଶ ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁରଜ ସାହୁ, ଶ୍ରୀନିବାସ ପାତ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସେହିଭଳି ନବରଙ୍ଗପୁର ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ଓ ଉତ୍କଳ ପରିଷଦ ନବରଙ୍ଗପୁରର ମିଳିତ ଆନୁକୂଲ୍ୟରେ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମା ଭଣ୍ଡାର ଘରଣୀ ମନ୍ଦିର ନିକଟସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଡିଆଇପିଆର୍‌ଓ ହଳଧର ନିଆଲ, ଉତ୍କଳ ପରିଷଦ ନବରଙ୍ଗପୁରର ସଭାପତି ପ୍ରେମଚାନ୍ଦ ପଟ୍ଟନାୟକ, ଉପ ସଭାପତି ପ୍ରଭାସିନୀ ମହାନ୍ତି, ସମ୍ପାଦକ ତପନ କୁମାର ବିଶୋଇ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସି. ଏଚ୍. ଉଷାରାଣୀ, ଉପଦେଷ୍ଟା ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କୁ ମନେ ପକାଇଥିଲେ।

ସେହିପରି ଉମରକୋଟ ଓକିଲ ସଂଘ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଇନଜୀବୀ ଦିବସ ତଥା ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ସକାଳେ ସଂଘ କାର୍ଯ୍ୟାଳୟ ପରିସରକୁ ସାନିଟାଇଜ୍ କରାଯିବା ପରେ ସଭାପତି ତପନ ଦେବନାଥଙ୍କ ଅଧ୍ୟକ୍ଷତାରେ କୋର୍ଟ ପରିସରରେ ମଧୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନଜୀବୀମାନେ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ସଂଘର ସଂପାଦକ ଶାନ୍ତନୁ ବାହିନୀପତି, କୋଷାଧ୍ୟକ୍ଷ କମଳ ଗାଇନ, ଆଇନଜୀବୀ କିଶୋର ମିଶ୍ର, ଶ୍ରୀନିବାସ ପଟ୍ଟନାୟକ, ସରକାରୀ ଓକିଲ ପ୍ରଦୀପ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ନନ୍ଦ, ନାଗେଶ ପଟ୍ଟନାୟକ, ଭଗବାନ କଲାର, ସତ୍ୟବ୍ରତ ସାମଲ, ଯୋଗେନ୍ଦ୍ର ମାଝି, ଜିତେନ୍ଦ୍ର ମହାନ୍ତି, ତାପସ ମଣ୍ଡଳ, ଦେବାଶିଷ ମଲିକ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି କରୋନା ପ୍ରକୋପ କମିବା ପରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ଆଇନଜୀବୀଙ୍କୁ ସମ୍ମାନିତ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# କରୋନା ମୁକାବିଲା ପାଇଁ ଯାହା ଆବଶ୍ୟକ କରାଯିବ



ନବରଙ୍ଗପୁର ଏମ୍‌ପି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଲୋଚନା କରୁଛନ୍ତି ।

ଉମରକୋଟ,୨୮।୪(ସ୍ୱ.ପ୍ର.)-

- ଏମ୍‌ପିଙ୍କ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର, ସିସିସି ପରିଦର୍ଶନ
- ପୂଜାରିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୀଘ୍ର ମିଳିବ ଆମ୍ବୁଲାନ୍ସ

ନବରଙ୍ଗପୁର ଜିଲାରେ ଦ୍ରୁତଗତିରେ ମାଡ଼ିଚାଲିଛି କରୋନା ସଂକ୍ରମଣ। ଏହାକୁ ଦୃଷ୍ଟିରେ ରଖି ବୁଧବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଉମରକୋଟ ବ୍ଲକ୍ ପୂଜାରିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। କରୋନା ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଉଥିବା ପରୀକ୍ଷା, ଆବଶ୍ୟକ ଔଷଧ ଓ ସରଞ୍ଜାମ ମହଜୁଦ ଅଛି ନା ନାହିଁ ତାହାର ସମୀକ୍ଷା କରିଥିଲେ। ଏହି ସମୟରେ ଏକ ଆମ୍ବୁଲାନ୍ସ ଯୋଗାଇଦେବା ନିମନ୍ତେ ମେଡିକାଲ ଅଫିସର ଏମ୍‌ପିଙ୍କୁ ଅନୁରୋଧ କରିଥିଲେ। ଏମ୍‌ପି ଶୀଘ୍ର ଆମ୍ବୁଲାନ୍ସ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏମ୍‌ପିଙ୍କ ଗସ୍ତବେଳେ ବ୍ଲକ୍ ବିଜେଡି ସଭାପତି ଅଜିତ ପ୍ରଧାନ, ପୂଜାରିଗୁଡ଼ା ମେଡିକାଲ ଅଫିସର ଡା. ଅଭୟ କୁମାର ଦେଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ଏମ୍‌ପି ରାଇଘର ବ୍ଲକ୍ ଗସ୍ତରେ ଯାଇ ଆଇଟିଆଇଠାରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା କୋଭିଡ୍ କେୟାର ସେଣ୍ଟର(ସିସିସି)ର ପ୍ରସ୍ତୁତି ବିଷୟରେ ବୁଝିଥିଲେ। ସେହିପରି ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କରୋନା ପରୀକ୍ଷଣ, ଟିକାକରଣ ଏବଂ ରୋଗୀଙ୍କୁ ମିଳୁଥିବା ଚିକିତ୍ସା ସେବା ବିଷୟରେ ପଚାରି ବୁଝିଥିଲେ। କରୋନା ମୁକାବିଲା ନିମନ୍ତେ ଯାହା ଆବଶ୍ୟକ ତାହା ଯୋଗାଇ ଦିଆଯିବ ବୋଲି ଏମ୍‌ପି ଏଠାରେ କହିଥିଲେ। ରାଇଘର ଗସ୍ତ ସମୟରେ ଏମ୍‌ପିଙ୍କ ସହ ବିଜେଡି ନେତା ପ୍ରଣବ ଭୂୟାଁ, ଯତୀନ୍ଦ୍ର ନାଥ ଗଣ୍ଡ, ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଝରିଗାଁରେ ସଙ୍ଗିନ ହେଉଛି କରୋନା ସ୍ଥିତି

ଝରିଗାଁ,୨୮।୪(ସ୍ୱ.ପ୍ର.)-

- ଦିନକରେ ୭୮ ପଜିଟିଭ, ମାନୁନାହାନ୍ତି ଅମାନିଆ
- ବାହାରେ ବୁଲୁଛନ୍ତି ସଂକ୍ରମିତ
- ବ୍ଲକ୍‌ରେ ଖୋଲିଛି ୭ କ୍ଲଷ୍ଟର ଟିଏମ୍‌ସି

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ କରୋନା ସ୍ଥିତି ସଙ୍ଗିନ ହେଉଛି। ବୁଧବାର ବ୍ଲକ୍‌ରୁ ୭୮ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଦ୍ୱିତୀୟ ଲହରରେ ୫ଶହରୁ ଉର୍ଦ୍ଧ୍ୱ ସଂକ୍ରମିତ ହେଲେଣି। ସେଥିମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହାର ମୁକାବିଲା ନିମନ୍ତେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବା ସହ କଟକଣାକୁ କଡ଼ାକଡ଼ି କରାଯାଇଛି। କରୋନା ଅଧିକ ବ୍ୟାପିବା ଆଶଙ୍କାରେ ବ୍ଲକ୍ ସଦର ସ୍ଥିତ ସମସ୍ତ ଦୋକାନ, ବଜାର ମେ ୨ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବଣିକ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ପକ୍ଷରୁ ମଧ ରାତ୍ରି କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ଏବଂ ସଚେତନତାକୁ ଅଧିକ କଡ଼ାକଡ଼ି କରାଯାଇଛି। ତଥାପି ଅମାନିଆ ବିନା ମାସ୍କରେ ବୁଲୁଥିବା ଦେଖିବାକୁ ମିଳୁଛି।

ଅନେକ ଲୋକ କେବଳ ପୋଲିସ ଭୟରେ ମାସ୍କ ଝୁଲାଇ ବୁଲୁଛନ୍ତି। ଏପରିକି ଗ୍ରାମାଞ୍ଚଳରେ କେତେଜଣ କରୋନା ସଂକ୍ରମିତ ବ୍ୟକ୍ତି ମଧ ସଙ୍ଗରୋଧରେ ରହିବା ବଦଳରେ ସେମାନେ ଏବଂ ସେମାନଙ୍କ ପରିବାର ଲୋକେ ଖୁଲମଖୁଲା ବାହାରେ ବୁଲୁଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ସଂକ୍ରମଣ ବୃଦ୍ଧିକୁ ଦେଖି ଝରିଗାଁ ବ୍ଲକ୍‌ରେ ୭ଟି କ୍ଲଷ୍ଟର ଟିଏମ୍‌ସି ଖୋଲାଯାଇଥିବା ବିଡିଓ ପ୍ରଶାନ୍ତ କୁମାର ରାଉତ କହିଛନ୍ତି। ସେହିପରି ଝରିଗାଁଠାରେ କୋଭିଡ୍ କେୟାର ସେଣ୍ଟର ଖୋଲିବା ନେଇ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି କିଛିଦିନ ତଳେ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଥିଲେ। ଏହାପରେ ଜିଲାପାଳ ଅଜିତ କୁମାର ମିଶ୍ର ଝରିଗାଁ ବ୍ଲକ୍ ଗସ୍ତକରି ସଦରସ୍ଥିତ ନେତାଲ ହାଇସ୍କୁଲ ହଷ୍ଟେଲରେ ୮ ହେବାକୁ ଥିବା କୋଭିଡ୍ କେୟାର ସେଣ୍ଟର ଖୋଲିବା ପାଇଁ ଭିତ୍ତିଭୂମି ତଦାରଖ କରିଥିଲେ। ଏହି କୋଭିଡ୍ କେୟାର ସେଣ୍ଟରରେ ୬୦ଟି ଶଯ୍ୟା ଓ ୩୦ଟି ଅକ୍ସିଜେନ୍ ସିଲିଣ୍ଡର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ତେବେ ସ୍ଥିତି ଅଣାୟତ୍ତ ହେବା ପୂର୍ବରୁ କୋଭିଡ୍ କେୟାର ସେଣ୍ଟର ଖୋଲିବା ସହ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ଅକ୍ସିଜେନ୍, ଔଷଧ, ସ୍ୱତନ୍ତ୍ର ଆମ୍ବୁଲାନ୍ସ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ନେଇ ସାଧାରଣରେ ଦାବି ହେଉଛି। ମଙ୍ଗଳବାର ଅପରାହ୍ନରେ ଏମ୍‌ପି ବ୍ଲକ୍ ଗସ୍ତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ କରୋନା ସ୍ଥିତି ସମୀକ୍ଷା କରିଥିଲେ। କରୋନା ମୁକାବିଲା ନେଇ ଆବଶ୍ୟକ ପଦକ୍ଷେପ ନେବା ସହ ବ୍ଲକ୍ ପ୍ରଶାସନ ସଜାଗ ନିମନ୍ତେ ଆଲୋଚନା କରିଥିଲେ । ଏହି ଅବସରରେ ବିଡିଓ ପ୍ରଶାନ୍ତ କୁମାର ରାଉତ, ତହସିଲଦାର ହୃଷୀକେଶ ଗଣ୍ଡ, ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଉଦୟନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ତେନ୍ତୁଳିଖୁଣ୍ଟି,୨୮।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଉଦୟପୁର ଗ୍ରାମର କେଶବ ପାତ୍ରଙ୍କ ଏପ୍ରିଲ୍ ୧୯ରେ ଦିଗି ପଞ୍ଚାୟତର କାର୍ଲିଚୁଆଁ ଗ୍ରାମରେ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ବୁଧବାର ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି ମୃତ କେଶବ ପାତ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ରେଡ୍‌କ୍ରସ ପାଣ୍ଠିରୁ ପରିବାରକୁ ସାହାଯ୍ୟ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ କହିଛନ୍ତି। ସେହିପରି ଶୀଘ୍ର ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ତହସିଲଦାରଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି। ବିଧାୟକଙ୍କ ସହ ପୂର୍ବତନ ବ୍ଲକ୍ ସଭାପତି ମୃତ୍ୟୁଞ୍ଜୟ ଜୟସିଂ, ପଞ୍ଚାୟତ ସଭାପତି ନିଳାମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଉମରକୋଟ ସିସିସି ପରିଦର୍ଶନ


ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସୁବିଧା ନେଇ ଜିଲାପାଳ ଆଲୋଚନା କରୁଛନ୍ତି ।

ଉମରକୋଟ,୨୮।୪(ସ୍ୱ.ପ୍ର.)

**ଅଳ୍ପ ଲକ୍ଷଣ ଥିବା ରୋଗୀଙ୍କ ଚିକିତ୍ସା ହେବ**

ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ବୁଧବାର ଉମରକୋଟସ୍ଥିତ କୋଭିଡ୍ କେୟାର ସେଣ୍ଟର(ସିସିସି) ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥା ନେଇ ତଦାରଖ କରିଛନ୍ତି। ଏଠାରେ କରୋନା ସଂକ୍ରମିତଙ୍କୁ କିପରି ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ଏବଂ ଏଥିପାଇଁ କେନ୍ଦ୍ରରେ ଆବଶ୍ୟକ ସୁବିଧା ରହିଛି କି ନାହିଁ ସେ ବିଷୟରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ଅଳ୍ପ ଲକ୍ଷଣ ରହିଥିବା ସଂକ୍ରମିତ ଯେପରି ନବରଙ୍ଗପୁରକୁ ନ ଯାଇ ଏଠାରେ ଚିକିତ୍ସା ସେବା ପାଇ ସୁସ୍ଥ ହୋଇପାରିବେ ସେଥିପ୍ରତି ଦୃଷ୍ଟିଦେବାକୁ ଜିଲାପାଳ ଡାକ୍ତରମାନଙ୍କୁ କହିଥିଲେ। ସେହିପରି ଶୀଘ୍ର ଏହି କୋଭିଡ୍ କେୟାର ସେଣ୍ଟରରେ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଜିଲାପାଳଙ୍କ ପରିଦର୍ଶନ ବେଳେ ଉମରକୋଟ ତହସିଲଦାର ହିମାଞ୍ଚଳ ମାଝି, ବିଡିଓ ଦେବୀପ୍ରସାଦ ଟାଲି ଏବଂ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଉପସ୍ଥିତ ଥିଲେ।


ଗୁଣପୁର: ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ଆଇନଜୀବୀମାନେ।


ଉମରକୋଟ ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି ।

# କୋଭିଡ୍ ନିୟନ୍ତ୍ରଣ ନେଇ ଖୋଲିବ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

ରାୟଗଡ଼ା ଅଫିସ,୨୮।୪- ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ରାୟଗଡ଼ ଜିଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବ। ଏଥିନିମନ୍ତେ ଜିଲାପାଳ ୨ ଓଏଏସ୍ ଅଧିକାରୀ ସ୍ମରଣିକା ତୁଲୋ, ଜ୍ଞାନରଞ୍ଜନ ମାଝି ଏବଂ ଓଆର୍‌ଏସ୍ ଅଧିକାରୀ ଦିବାକର ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ ଜିଲାର କୋଭିଡ ସଂକ୍ରାନ୍ତୀୟ ଅଭିଯୋଗ ଗ୍ରହଣ କରିବେ ଏବଂ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କୁ ଅବଗତ କରାଇବେ। ଅଧିକାରୀମାନଙ୍କୁ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ କାର୍ଯ୍ୟାଳୟର ବିଭନ୍ନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହି ନିୟନ୍ତ୍ରଣ କକ୍ଷର ଯୋଗାଯୋଗ ନମ୍ବର ୨୨୪୦୮ ୨/୨୨୪୦୬୨/୧୦୭୭(ନିଃଶୁଳ୍କ)ର ହିଛି। ଯେ କୌଣସି ବ୍ୟକ୍ତି ଏହି ନମ୍ବରରେ କୋଭିଡ ସଂକ୍ରାନ୍ତରେ ଯୋଗାଯୋଗ କରିପାରିବେ। ନିୟନ୍ତ୍ରଣ କକ୍ଷ ସକାଳ ୭ଟାରୁ ଅପରାହ୍ନ ୨ଟା, ଅପରାହ୍ନ ୨ଟାରୁ ରାତି ୧୦ଟା ଏବଂ ରାତି ୧୦ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଏପ୍ରିଲ୍ ୨୯ରୁ ୧୬ ମେ ପର୍ଯ୍ୟନ୍ତ ଚାଲିବ। ଅତିରିକ୍ତ ଜିଲାପାଳ ଏହାର ନିୟମିତ ତଦାରଖ କରିବେ। ନିୟନ୍ତ୍ରଣ କକ୍ଷର ଦାୟିତ୍ୱ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଶିମିଳିପଦର ଗ୍ରାମରେ ଜଳ ସଙ୍କଟ

ଚିତ୍ରକୋଣ୍ଡା,୨୮।୪(ଡି.ଏନ.ଏ.)

ମାଲକାନଗିରି ଜଲା ଚିତ୍ରକୋଣ୍ଡା ବ୍ଲକ ଜୋଡାମ୍ବ ପଞ୍ଚାୟତର ଶିମିଳିପଦର ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି । ଏହି ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସେମାନଙ୍କ ପାଇଁ ରହିଛି ଗୋଟିଏ ମାତ୍ର ନଳକୂପ। ବର୍ତ୍ତମାନ ସେହି ନଳକୂପ ଅଚଳ ହେଇପଡିଛି। ଫଳରେ ମୁନ୍ଦାଏ ପାଣି ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଅଭାବ ଦୂର ଲାଗି ଗ୍ରାମବାସୀ ଗ୍ରାମଠାରୁ ୩/୪ କି.ମି. ଦୂରରେ ଥିବା ଝରଣାରୁ ପାଇପ ପକାଇ ଗ୍ରାମକୁ ପାଣି ଆଣିଛନ୍ତି। ସେଥିରେ ଯେତିକି ପରିମାଣରେ ପାଣି ଆସୁଛି ତାହା ମଧ ଲୋକଙ୍କୁ ପାଣି ଠିକ ରୂପେ ମିଳିପାରୁନି। ଖରା ଦିନେ ଝରଣା ପାଣି ଶୁଖିଯିବାରୁ ଗ୍ରାମକୁ ଆବଶ୍ୟକ ପାଣି ଆସିପାରୁନି। ଗ୍ରାମର ମହିଳାମାନେ ବାଧ ହୋଇ ଜଙ୍ଗଲ ରାସ୍ତାରେ ଝରଣାକୁ ଯାଇ ପାଣି ଆଣୁଛନ୍ତି। ଏହି ପାଣି ପିଇ ଗ୍ରାମବାସୀ ବିଭିନ୍ନ ରୋଗରେ ପଡୁଛନ୍ତି। ଗ୍ରାମରେ ପ୍ରଶାସନ ପକ୍ଷରୁ ଆଉ ଦୁଇଟି ନଳକୂପ ଖନନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୨ ପଞ୍ଚାୟତ ୫ ଦିନ ଶଟ୍‌ଡାଉନ୍

ଡାବୁଗାଁ,୨୮।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ରେ କରୋନା ସଂକ୍ରମଣ ବୃଦ୍ଧିପାଉଛି। ବୁଧବାର ଡଙ୍ଗରିଗୁଡ଼ା ଏବଂ ଡାବୁଗାଁ ପଞ୍ଚାୟତରୁ ୫ ସଂକ୍ରମିତ ଚିହ୍ନଟ ହେବା ନେଇ ଜଣାପଡ଼ିବା ପରେ ୨ ପଞ୍ଚାୟତକୁ ୫ ଦିନ ପାଇଁ ଶଟ୍‌ଡାଉନ କରାଯାଇଛି। ସଂକ୍ରମଣକୁ ରୋକିବା ନିମନ୍ତେ ଡଙ୍ଗରିଗୁଡ଼ା ସରପଞ୍ଚ ଅମ୍ବିକା ମାଝି ଏବଂ ଡାବୁଗାଁ ସରପଞ୍ଚ ଯଶୋଦା ସୌରା ପଞ୍ଚାୟତକୁ ୫ ଦିନ ପାଇଁ ଶଟ୍‌ଡାଉନ୍ କରିଛନ୍ତି। ଉଭୟ ପଞ୍ଚାୟତରେ ଏପ୍ରିଲ୍ ୨୯ ଅପରାହ୍ନ ୨ଟାରୁ ମେ ୩ ମଧ୍ୟରାତ୍ରୀ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଏ ନେଇ ରାତିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି।

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁବାବୁଙ୍କ ଭୂମିକା ଅତୁଳନୀୟ

ରାୟଗଡ଼ା ଅଫିସ/ଗୁଣପୁର, ୨୮।୪(ଡି.ଏନ୍.ଏ.)

ରାୟଗଡ଼ାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ବିମ୍ବାଧର ସାହୁ ଓ ପୁରାତନ ଛାତ୍ର ତଥା ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷ, ମୁଖ୍ୟ ଅତିଥି ଏବଂ ଅଧ୍ୟାପକମାନେ ମଧୁବାବୁଙ୍କ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଶାର ସମୃଦ୍ଧି କ୍ଷେତ୍ରରେ ଅବଦାନ ବିଷୟରେ ମନେ ପକାଇଥିଲେ। ଅନୁଷ୍ଠାନର ଅଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ, ଶିଶିର କୁମାର କପାଟ, ସତ୍ୟନାରାୟଣ ପାଣିଗ୍ରାହୀ, ସୌମ୍ୟ ରଞ୍ଜନ ମହାରଣା, ସୁବ୍ରତ କୁମାର ସ୍ୱାଇଁ, ଜ୍ୟୋତି ପ୍ରକାଶ ଗିରି ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଗୁଣପୁର ଓକିଲ ସଂଘ ପକ୍ଷରୁ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି।



# ନାମଲେଖା ପାଇଁ ଆସିଲେନି ଛାତ୍ରୀଛାତ୍ର

ଚନ୍ଦାହାଣ୍ଡି,୨୮।୪(ଡି.ଏନ୍.ଏ.)-

- କରୋନା ସଂକ୍ରମଣ ଭୟ
- ଅନ୍‌ଲାଇନ୍‌ରେ ଟିସି ପଠାଇବାକୁ ବିଇଓଙ୍କ ନିର୍ଦ୍ଦେଶ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ରେ ୨୭ ତାରିଖରୁ ଆରମ୍ଭ ହୋଇଛି ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନାମଲେଖା। ହେଲେ କରୋନା ଭୟରେ ଜଣେ ମଧ ଛାତ୍ରୀଛାତ୍ର କିମ୍ବା ଅଭିଭାବକ ନାମ ଲେଖାଇବା ନିମନ୍ତେ ଆସି ନ ଥିବା ମୋହରା ପଞ୍ଚାୟତ ଯାଦବ ମାଝି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଜରନା ପରବିନ୍‌ଙ୍କ ଠାରୁ ସୂଚନା ମିଳିଛି। ମୋହରା ପଞ୍ଚାୟତରେ ସର୍ବାଧିକ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଯାଦବ ମାଝି ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟେନମେଣ୍ଟ ଜୋନ୍‌ରେ ଥିବା ସେ ସୂଚନା ଦେଇଛନ୍ତି। ପ୍ରଧାନ ଶିକ୍ଷୟତ୍ରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ନାମଲେଖା ନିମନ୍ତେ ନବରଙ୍ଗପୁର ଡିଇଓଙ୍କ କାର୍ଯ୍ୟଳୟରୁ ୨୬ରେ ଚିଠି ଆସିଥିଲା। ୨୭ ତାରିଖ ସକାଳ ୭ ଟାରୁ ୯ଟା ପର୍ଯ୍ୟନ୍ତ ପ୍ରତି ୫ ଜଣ ପିଲା ଏବଂ ଅଭିଭାବକକୁ ନେଇ ନାମଲେଖା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏଥିପାଇଁ ୭ଟାରୁ ସ୍କୁଲ ଅଫିସ ଖୋଲିଥିଲା। ହେଲେ ସ୍କୁଲ କଣ୍ଟେନମେଣ୍ଟ ଜୋନ୍‌ରେ ଥିବା ଯୋଗୁ ସଂକ୍ରମଣ ଭୟରେ ଛାତ୍ରୀଛାତ୍ର ନାମଲେଖା ନିମନ୍ତେ ଆସି ନ ଥିବା ସେ କହିଛନ୍ତି। ଏହାକୁ ନେଇ ବୁଧବାର ଚନ୍ଦାହାଣ୍ଡି ବିଇଓ ଭଜନଲାଲ ମାଝିଙ୍କ ସଭାପତିତ୍ୱରେ ଏକ ଅନ୍‌ଲାଇନ ବୈଠକ ହୋଇଥିଲା। ଏଥିରେ ଚନ୍ଦାହାଣ୍ଡି ବ୍ଲକ୍‌ର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ/ଶିକ୍ଷକଙ୍କ ସମେତ ସିଆର୍‌ସିସିମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରଥମ ଶ୍ରେଣୀରେ ନାମ ଲେଖା ପାଇଁ ସ୍ଥାନୀୟ ଅଙ୍ଗନୱାଡ଼ି, ୬ଷ୍ଠ ଶ୍ରେଣୀରେ ନାମ ଲେଖା ପାଇଁ ସ୍ଥାନୀୟ ପ୍ରଧାନ ଶିକ୍ଷୟତ୍ରୀ/ଶିକ୍ଷକ ନିକଟସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଟିସି ଅନ୍‌ଲାଇନରେ ପଠାଇବେ ଏବଂ ନବମ ଶ୍ରେଣୀରେ ନାମଲେଖା ପାଇଁ ମଧ ପ୍ରଧାନ ଶିକ୍ଷୟତ୍ରୀ/ଶିକ୍ଷକ ଅନ୍‌ଲାଇନରେ ନିକଟସ୍ଥ ହାଇସ୍କୁଲକୁ ଟିସି ପଠାଇବେ ବୋଲି ବୁଧବାର ଭର୍ଚୁଆଲ ବୈଠକରେ ଆଲୋଚନା ହୋଇଥିବା ବିଇଓ ଭଜନଲାଲ ମାଝି ସୂଚନା ଦେଇଛନ୍ତି। ସେହିପରି ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପ୍ରମୋଶନ ପାଶ୍ କରାଯାଇଥିବା ସେ ସୁଚନା ଦେଇଛନ୍ତି।

